




### ଆଇଆଇଟି ଭୁବନେଶ୍ୱରରେ ୯ମ ପ୍ରତିଷ୍ଠା ଦିବସ

# 'ଦୃଢ଼ ସଂକଳ୍ପ ଦ୍ୱାରା ସଫଳତା ନିଶ୍ଚିତ'



ଭୁବନେଶ୍ୱର, ୨୨।୭(ଭୁ.ପ୍ର)- ଆଇଅଇଟି ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଅରଗୁଳସ୍ଥିତ ନିଜସ୍ୱ କ୍ୟାମ୍ପସ୍‌ରେ ୯ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ବୈଜ୍ଞାନିକ ତଥା ପଦ୍ମଶ୍ରୀ ପ୍ରଫେସର କୋଟା ହରିନାରାୟଣ କହିଥିଲେ, ଦିନ ଥିଲା ଯେବେ କୌଣସିପ୍ରକାର ବଡ଼ ପ୍ରକଳ୍ପ ଲାଗି ଆବଶ୍ୟକ ଯନ୍ତ୍ରାଂଶ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡୁଥିଲା । କିନ୍ତୁ ଆଜି ସମୟ ଆସିଛି ଯେବେ ଆମ ଦେଶରେ ନିର୍ମିତ ଯନ୍ତ୍ରାଂଶକୁ ବ୍ୟବହାର କରୁଛୁ । ବିଶେଷକରି ପ୍ରତିରକ୍ଷା କ୍ଷେତ୍ରରେ ଏବଂ ପ୍ରତିରକ୍ଷା ବିମାନ ନିର୍ମାଣରେ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ଯନ୍ତ୍ରାଂଶ ବ୍ୟବହାର କରାଯାଉଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ନିକଟରେ ଭାରତୀୟ ସେନାରେ ସାମିଲ୍ ହୋଇଥିବା ହାଲୁକା ଯୁଦ୍ଧ ବିମାନ । ତେବେ ଏହା ଏକ ଆରମ୍ଭ ମାତ୍ର । ଆଗକୁ ଏହି କ୍ଷେତ୍ରରେ ଆମକୁ ଅନେକ ପ୍ରଗତି କରିବାର ଆବଶ୍ୟକତା ରହିଛି । କିନ୍ତୁ ଏହି ଲକ୍ଷ୍ୟ ପୂରଣ କରିବାକୁ ହେଲେ ଉତ୍କୃଷ୍ଟ ଗୁଣବତ୍ତା, ସଠିକ୍ ଯନ୍ତ୍ରାଂଶ ନିର୍ମାଣ ସର୍ବୋପରି ଜ୍ଞାନ ଆହରଣ ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଥିଲେ । ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଭି. ରାଜାକୁମାର କହିଥିଲେ, ଦେଶକୁ ଜଣେ ଜଣେ ସଫଳ ଯନ୍ତ୍ରୀ ଦେବାରେ ଆଇଆଇଟି ଭୁବନେଶ୍ୱର ନିଜର ଗୁରୁଦାୟିତ୍ୱ ବହନ କରିଆସୁଛି । ଦୀର୍ଘ ଦିନର ଅପେକ୍ଷା ପରେ ଆଇଆଇଟି ଭୁବନେଶ୍ୱର ନିଜସ୍ୱ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ହୋଇଥିବାବେଳେ ଏବେ ଏହା ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ରୂପ ଧାରଣ କରିଛି । ପ୍ରଫେସର ହରିନାରାୟଣ ଏହି ରାଜ୍ୟର ସୁପୁତ୍ର ହୋଇଥିବା ବେଳେ ଭାରତୀୟ ସେନାରେ ସାମିଲ୍ ହୋଇଥିବା ହାଲୁକା ଯୁଦ୍ଧ ବିମାନ ନିର୍ମାଣରେ ତାଙ୍କର ଅବଦାନ ଯୋଗୁଁ ତାଙ୍କ ଗରିମା ଅନେକ ଗୁଣରେ ବୃଦ୍ଧି ହୋଇଛି । ଆଜି ଏଠାରେ ତାଙ୍କର ଉପସ୍ଥିତି ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ଗୁଣରେ ପ୍ରେରଣାଦାୟକ ହେବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଭି. ଆର ପେଡିରେଡ୍ଡୀ, ଡ. ଏସ୍.ଏନ୍ ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।